Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182

Rs - 5.00

ଭାଗ:୧, ସଂଖ୍ୟା: ୫୨, ଭୁବନେଶ୍ୱର, ନଭେମ୍ବର ୧୧-୧୭, ୨୦୨୪, Vol: 1, Issue: 52, Bhubaneswar, November 11-17, 2024, Pages- 8

# ରଥଯାତ୍ରା ଏକ ଖେଳ ଘର ନୁହେଁ : ଗଜପତି ମହାରାଜା

ପୁରୀ, (ଭିଓଭି) : 'ରଥ ଯାତ୍ରା ଏକ ଖେଳ ଘର ନୁହେଁ। ଖୋଦ ଜଗନ୍ନାଥଙ୍କ ନିର୍ଦ୍ଦେଶକ୍ରମେ ନିର୍ଦ୍ଦିଷ୍ଟ ତିଥିରେ ରଥ ଯାତ୍ରା ଆୟୋଜିତ ହେଉଛି। ମାତ୍ର ଇସ୍କନ ପକ୍ଷରୁ ପ୍ରାୟ ମାସେ ଦୁଇ ମାସ ବ୍ୟବଧାନରେ ବିଶ୍ୱର ବିଭିନ୍ନ ସ୍ଥାନରେ ରଥ ଯାତ୍ରା ଆୟୋଜିତ ହେଉଛି। ଇସ୍କନ ଏହାକୁ ଏକ ପ୍ରଚାର ଯାତ୍ରା ଭାବେ ପରିଚାଳନା କରୁଛି। କିନ୍ତୁ ଏହାକୁ ଆଉ ବରଦାସ୍ତ କରାଯିବନି। ଏଥର ଆମେ ଛାଡ଼ିବୁନି, ବହୁତ ହୋଇଗଲା ।'ରଥ ଯାତ୍ରା ପାଳନ ନେଇ ଇସ୍କନ କର୍ତ୍ତୃପକ୍ଷଙ୍କ ମନମାନୀ ବିରୋଧରେ ଏପରି ବର୍ଷିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଏହା ଶ୍ରୀମନ୍ଦିର ପରମ୍ପରାର ଉଲ୍ଲଂଘନ ବୋଲି ଗଜପତି ମହାରାଜା କହିବା ସହ ଭୁଲ ନ ସୁଧାରିଲେ



ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଚେତାଇ ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଗଜପତି ମହାରାଜା ଶ୍ରୀମନ୍ଦିର ସଂସ୍କୃତି ସହ ଖେଳ ଖେଳୁଥିବା ଇସ୍କନ ପ୍ରତି କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି। ଏନେଇ ସେ କହିଛନ୍ତି, ଜଗନ୍ନାଥ ହେଉଛନ୍ତି ମୂଳ ବିଗ୍ରହ। ତାଙ୍କ ପରମ୍ପରା ଅତି ପ୍ରତିଷ୍ଠିତ ଓ ପ୍ରସିଦ୍ଧ। ପରମ୍ପରା ଅନୁଯାୟୀ ହିଁ ଆମେ ଜଗନ୍ନାଥଙ୍କ ପର୍ବ ପାଳନ କରିବା ଉଚିତ। କେବଳ ଦୁଇଟି ଉତ୍ସବରେ ମହାପ୍ରଭୁଙ୍କୁ ଗର୍ଭଗୃହରୁ ବାହାର କରାଯାଇପାରିବ। ସେଥିନିମନ୍ତେ ସେ ନିଜେ ହିଁ ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଥିପାଇଁ ତାଙ୍କ ଅନୁମତିରେ ତାଙ୍କ ଇଚ୍ଛାରେ ରଥଯାତ୍ରା ଆୟୋଜିତ ହେଉଛି। ତେଣୁ ତାଙ୍କ ପରମ୍ପରା ବିରୋଧୀ କାମ କରି ଇସ୍କନ ତରଫରୁ କେବଳ ପ୍ରଚାର ପାଇଁ ଏପରି ଅଦିନ ରଥ ଯାତ୍ରା ଆୟୋଜନ କରାଯାଉଛି। ଜଗନ୍ନାଥଙ୍କ ବିଗ୍ରହ ରଖିବା ତଥା ପୂଜାର୍ଚ୍ଚନା କରିବା ନିମନ୍ତେ ଆମେ କାହାକୁ ବାରଣ କରୁନୁ। କିନ୍ତୁ ଏହାକୁ ବିଧି ଅନୁଯାୟୀ କରିବା ଉଚିତ। କିନ୍ତୁ ସେମାନେ ଏହାକୁ ପ୍ରଚାର ଯାତ୍ରା ଭାବେ ସମଗ୍ର ବିଶ୍ୱରେ ପରିଚାଳନା କରୁଛନ୍ତି। ଏହା



ଆମ ଶାସ୍ତ୍ର ଓ ପରମ୍ପରା ବିରୋଧୀ କାମ। ଏନେଇ ସେମାନଙ୍କୁ ବୁଝାଇବା ସତ୍ତ୍ୱେ ସେମାନେ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇ ପାରୁ ନାହାନ୍ତି। ଫଳରେ କୋଟି କୋଟି ଭକ୍ତଙ୍କ ଭାବନାକୁ ସେମାନେ କୁଠାରଘାତ କରୁଛନ୍ତି। ତେଣୁ ଏହାକୁ ଆଉ ବରଦାସ୍ତ କରାଯିବନି କି ଆମେ ଆଉ ଚୁପ୍ ? ବସି ପାରିବୁନି ବୋଲି ଚେତାଇ ଦେଇଛନ୍ତି ଗଜପତି ମହାରାଜା ।ମହାପ୍ରଭୁଙ୍କ ପରମ୍ପରାରେ ବ୍ୟତିକ୍ରମ ହେବା ଠିକ୍ ନୁହେଁ। ଚିଠି ଲେଖିବା ସତ୍ତ୍ୱେ ଇସ୍କନ ମାନିଲାନି, ରଥଯାତ୍ରା ଆୟୋଜନ କରିବାକୁ ସଜବାଜ ହେଉଛି। ଗତ ୩ ତାରିଖରେ ସେମାନେ ସ୍ନାନଯାତ୍ରା କରିବାକୁ କହୁଥିବା ବେଳେ ବିରୋଧ କରିବାରୁ ତାହାକୁ ବାତିଲ କରିଛନ୍ତି। ତଥାପି ଇସ୍କନର ଉଚ୍ଚ କର୍ତ୍ତୃପକ୍ଷ ଭୁଲ ସୁଧାରିବେ ବୋଲି ଆଶା ରଖିଛୁ ।ମାର୍ଚ୍ଚରେ ଇସ୍କନର ଗଭର୍ଣ୍ଣିଂ କାଉନସିଲ ବୈଠକ ଅଛି। ସେଠି ଯଦି ସେମାନେ ମାନିଯିବେ, ଭଲ କଥା। ଆମେ ଚାହୁଁଛୁ ଆଲୋଚନା ଦ୍ୱାରା ସମାଧାନ ହେଉ। ଯଦି ମାନିବେନି ଆମ ପାଖରେ ଆଇନର ରାସ୍ତା ବ୍ୟତୀତ ବିକଳ୍ପ ନାହିଁ ବୋଲି କହିଛନ୍ତି ଗଜପତି ।ଏଥିସହ ସେ କହିଛନ୍ତି, ଇସ୍କନ କର୍ତ୍ତୃପକ୍ଷ ସମଗ୍ର ବିଶ୍ୱରେ ଗୋଟିଏ ଦିନରେ ଜନ୍ମାଷ୍ଟମୀ ପାଳନ କରୁଛନ୍ତି। କିନ୍ତୁ ରଥ ଯାତ୍ରା ଭିନ୍ନ ଦିନରେ ପାଳନ କରି କାହିଁକି ବ୍ୟତିକ୍ରମ କରୁଛନ୍ତି ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ ହୋଇ ପାରୁନି। ଇସ୍କନ GBC ଅଧୀନରେ ଆସୁଥିବା ବେଳେ ତାହାର ନିଷ୍ପତ୍ତି ସମଗ୍ର ବିଶ୍ୱରେ ଥିବା ଇସ୍କନରେ ଲାଗୁ ହେଉଛି। ଆମେ ଏଇଉ ସହ ୨୦୦୮ ମସିହାରେ ଯୋଗାଯୋଗ କରିଥିଲୁ। ତାହା ଫଳପ୍ରଦ ହେଲାନି। କିନ୍ତୁ ଏଥର ଏଇଉ ଆମ ପ୍ରସ୍ତାବକୁ ବିଚାର କରି ପଦକ୍ଷେପ ନ ନେଲେ ଆଉ ଛାଡ଼ିବୁନି। ଆଇନ ଅନୁଯାୟୀ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବୁ ବୋଲି ଚେତାଇ ଦେଇଛନ୍ତି ଗଜପତି ।ଗଜପତି ମହାରାଜାଙ୍କୁ ସମର୍ଥନ ଜଣାଇଛନ୍ତି ରାଜ୍ୟ ସରକାର। ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଗଜପତି ମହାରାଜା ଯାହା କହିଛନ୍ତି ଆମେ ସମର୍ଥନ ଜଣାଉଛୁ । ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଆମର ପ୍ରାଥମିକତା । ଜଗନ୍ନାଥ ସଂସ୍କୃତିକୁ ବିକୃତ, ଅସମ୍ମାନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ପ୍ରଥମେ ଆଲୋଚନା କରିବୁ, ସହମତ ନ ହେଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ପଦକ୍ଷେପ ବାବଦରେ ନିଷ୍ପତ୍ତି ନେବାରେ ଶ୍ରୀମନ୍ଦିର ପ୍ରଶାସନ ପ୍ରାଧିକୃତ। ଶ୍ରୀମନ୍ଦିର ପ୍ରଶାସନ ଯାହା ନିଷ୍ପତ୍ତି ନେବେ ବିଭାଗର ସମର୍ଥନ ରହିବ ବୋଲି କହିଛନ୍ତି ଆଇନ୍ ମନ୍ତ୍ରୀ ।

ସଂଘର ଅଭିଯୋଗ ଯେ ଏବେ ଯାତ୍ରାରେ ଅଶ୍ଳୀଳ ନୃତ୍ୟ ପରିବେଷଣକୁ ନେଇ ବିବାଦ ଚରମ ସୀମାରେ ପହଞ୍ଚିଛି। ବ୍ୟବସାୟିକ ଫାଇଦା ପାଇଁ ଯାତ୍ରା ଆୟୋଜକମାନେ ନଗ୍ନ ନୃତ୍ୟକୁ ପ୍ରଶ୍ରୟ ଦେଉଥିବା ସାଧାରଣରେ ଅଭିଯୋଗ ହେବା ପରେ ଏହା ଏବେ ବିତର୍କର ପ୍ରସଙ୍ଗ ପାଲଟିଛି। ଏନେଇ ଯାତ୍ରାପାର୍ଟି ମାଲିକମାନଙ୍କୁ ସିଧାସଳଖ ଦାୟୀ କରିଛି ଯାତ୍ରା କମିଟି ମହାସଂଘ। ଯାତ୍ରାର ରାତ୍ର ପିଛା ମୂଲ୍ୟ ସହିତ ଟିକେଟ ମୂଲ୍ୟ ବୃଦ୍ଧି ହେବାରୁ ଏଭଳି ପରିସ୍ଥିତି ଉପୁଜିଛି। ପ୍ରତ୍ୟକ୍ଷ ରେ ଯାତ୍ରା କୁ ନେଇ ମାଲିକ ମାନେ ଚାପ ପକାଉଛନ୍ତି, ଯାହାକୁ ନେଇ ଅଶ୍ଳୀଳତା ବୃଦ୍ଧି ପାଉଛି। ସରକାର ଯାତ୍ରା ପରିବେଷଣ ପାଇଁ ଏକ ସ୍ୱତନ୍ତ୍ର ନିୟମାବଳୀ ଆଣିଲେ ଏହି ଅଶ୍ଳୀଳତାରେ ଅଙ୍କୁଶ ଲଗା ଯାଇପାରିବ ବୋଲି ମହାସଂଘ କହିଛି। ଏଣେ ଏହି ପ୍ରସଙ୍ଗରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖି କହିଛନ୍ତି, କୌଣସି ପ୍ରକାରରେ ଯାତ୍ରାରେ ଅପସଂସ୍କୃତି ଓ କୁପରମ୍ପରାକୁ ପ୍ରଶ୍ରୟ ଦିଆଯିବ ନାହିଁ । ସଂସ୍କୃତିର ସୁରକ୍ଷା ଦିଗରେ ଖୁବ୍ ଶୀଘ୍ର ନିର୍ଦ୍ଦେଶାବଳୀ ଜାରି କରାଯିବ।



# ସଂ ପା ଦ କୀ ୟ

## ସମୟର ଆହ୍ୱାନକୁ ଗ୍ରହଣ କରିବା

ଆହ୍ୱାନ ଏକ ଏମିତି ଶବ୍ଦ ଶୁଣିଲେ ମନରେ ଛନକା ପଶେ ଆଉ ତାକୁ ସମ୍ମୁଖୀନ ହେଲେ ମନୋବଳ ଦୃଢ଼ ହୋଇଥାଏ। ସମୟର ଆହ୍ୱାନକୁ ବାରମ୍ବାର ସମ୍ମୁଖିନ ହେଲେ ତାହା ଜଣେ ସାଧାରଣ ବ୍ୟକ୍ତି କୁ ଅସାଧାରଣ ଦକ୍ଷତା ସହିତ କାମ କରିବାକୁ ପ୍ରେରଣା ଯୋଗାଏ ଏବଂ ଦୃଢ଼ମନା କରିଦେଇଥାଏ। ଆଜି ଏ ସମ୍ବନ୍ଧରେ ଲେଖିବାର ଏକମାତ୍ର ଉଦ୍ଦେଶ୍ୟ ହେଲା ବହୁ ଘାତ ପ୍ରତିଘାତ ମଧ୍ୟରେ ଆମ ଅନୁଷ୍ଠାନ 'ଭଏସ୍ ଅଫ୍ ଭିକ୍ଟିମ୍ସ' ୨୦୧୯ ମସିହାରୁ ଆଜି ପର୍ଯ୍ୟନ୍ତ ତାର କାର୍ଯ୍ୟ ନିର୍ବାହ କରିଚାଲିଛି। ସବୁ ଛୋଟ ବଡ ଆହ୍ୱାନକୁ ଦୃଢତାର ସହିତ ମୁକାବିଲା କରି ଚାଲିଛୁ, କିନ୍ତୁ କେବେବି ପଥଭ୍ରଷ୍ଟ କିମ୍ବା ଲକ୍ଷଚ୍ୟୁତ ହୋଇନାହୁଁ । ଚଳିତ ନଭେମ୍ବର ମାସ ୩ ତାରିଖ ରବିବାର ଦିନ ଆମ ଅନୁଷ୍ଠାନର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ଆନୁଷ୍ଠାନିକ ଉନ୍ମୋଚନ ଉତ୍ସବ ଆୟୋଜନ କରିବାର ଥିଲା। ଅଗଣିତ ଶୁଭେଚ୍ଛୁ ଓ ବନ୍ଧୁମାନଙ୍କର ସଦିଚ୍ଛା ପାଇଁ ଏହାକୁ ଆମେ ଯଥାରୀତି ପାଳନ କରିବା ପାଇଁ ସବୁ ବ୍ୟବସ୍ଥା କରିଥିଲୁ। ମାନ୍ୟଗଣ୍ୟ ଅତିଥିମାନଙ୍କୁ ସେହି ସଭାକୁ ନିମନ୍ତ୍ରଣ ବି କରିଥିଲୁ। ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥିମାନଙ୍କ ଠାରୁ ଯୋଗ ଦେବାପାଇଁ ସମ୍ମତି ମଧ୍ୟ ପାଇଥିଲୁ। କିନ୍ତୁ ହଠାତ୍ ସେହି ଦିନ ଅପରାହ୍ନରେ, ଠିକ୍ ସଭା ଆରମ୍ଭ ହେବାର ଦୁଇ ଘଣ୍ଟା ପୂର୍ବରୁ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କ କାର୍ଯ୍ୟାଳୟରୁ ଖବର ଆସିଲା ଯେ ଉଭୟେ ନିଜନିଜର ଜରୁରୀ କାମ ଓ ସ୍ୱାସ୍ଥ୍ୟ ସମସ୍ୟା ପାଇଁ କାର୍ଯ୍ୟକ୍ରମରେ ଯୋଗ ଦେଇପାରିବେ ନାହିଁ। ମୋ ସହିତ ଆମର ସମସ୍ତ ସହକର୍ମୀମାନଙ୍କ ମୁଣ୍ଡରେ ଯେମିତି ଏକ ଚଡ଼କ ପଡ଼ିଗଲା। କଣ କରିବୁ, କଣ କରିବୁ ବୋଲି ଭାବି ଭାବି, ହୋଟେଲ ରୁ ଗରମ୍ ଗରମ୍ ଚା କେବଳ ଆମେ ଦୁଇ ତିନି ଥର ପିଇ ଚାଲିଲୁ। ଦୁଇ ତାରକା ଅତିଥିଙ୍କ ସ୍ଥାନ ଆଉ କିଏ ନେଇ ପାରିବ ବୋଲି ସମସ୍ତେ ନିଜନିଜର ଉତ୍ସ'ରୁ ବିକଳ୍ପ ଖୋଜିବା ନିମନ୍ତେ ଫୋନ୍ ଘୁରାଇ ବିଫଳ ହେଲେ । ହଠାତ୍ କିଏ ବା କାହିଁକି ରାଜି ହେବ ? ଦୁଇ ତାରକା ଅତିଥିଙ୍କ ନିକଟରୁ ଭିଡିଓ କିମ୍ବା ଅଡିଓ ବାର୍ତ୍ତା ଆଣିବା ନିମନ୍ତେ ଚେଷ୍ଟା ଚାଲିଲା । ସେଥିରେ ବି ବିଫଳ ହେଲୁ, କାରଣ ଜଣଙ୍କର ଫୋନ୍ ଲାଗିଲା ନାହିଁ ଆଉ ଅନ୍ୟ ଜଣେ ହସ୍ପିଟାଲରେ ଭର୍ତ୍ତି ହୋଇଥିବାରୁ ତାଙ୍କ ଠାରେ ସାଲାଇନ୍ ଲାଗିଥାଏ। ସଭାର ଧାର୍ଯ୍ୟ ସମୟ ଯେତିକି ନିକଟତର ହେଉଥାଏ ଆମର ହୃଦ୍-ସ୍ପନ୍ଦନ ସେତିକି ତୀବ୍ର ହେଉଥାଏ। ନିମନ୍ତ୍ରିତ ଅତିଥି ମାନେ ପହଞ୍ଚି ସାରି ସଭାଗୃହ ଏକରକମ ଭରି ସାରିଥାଏ। କିଏ ମୁଖ୍ୟ ଅତିଥି, କିଏ ମୁଖ୍ୟ ବକ୍ତା ଆଉ ପୂର୍ବ ନିର୍ଦ୍ଧାରିତ ସଭାର କାର୍ଯ୍ୟସୂଚୀ ପରିବର୍ତ୍ତନ କେମିତି ହେବ ସେଇ ଚିନ୍ତାରେ ସମସ୍ତେ ଚିନ୍ତାରେ ଥିବାବେଳେ ଶୁଭେଚ୍ଛୁ ବନ୍ଧୁ ପାର୍ଥ କୁମାର ଦାସ, ଦୁର୍ଗେଶ ମିଶ୍ର ଓ କୈଳାଶ ଶତପଥୀଙ୍କ ପରାମର୍ଶ ଥିଲା ଅତ୍ୟନ୍ତ ଉପାଦେୟ। ମୁହଁରେ କୌଣସି ଚିନ୍ତାର ଛାପ ନ ଦେଖାଇ ପରିସ୍ଥିତିକୁ ସମ୍ପୂର୍ଣ ଭାବେ ଈଶ୍ୱରଙ୍କ ଉପରେ ଛାଡ଼ିଦେଇ ଧୈର୍ଯ୍ୟ ଧରି ସଭାକାର୍ଯ୍ୟ ଆଗକୁ ବଢ଼ାଇବା ନିମନ୍ତେ ତିନିହେଁ ପରାମର୍ଶ ଦେଇଥିଲେ। ସମୟର ଆହ୍ୱାନକୁ ସମ୍ମୁଖୀନ ହୁଅ, ଭଗବାନ ତାର ନିଶ୍ଚିତ ସମାଧାନ କରିଦେବେ ବୋଲି ଭାବି ସଭିଏଁ ହୃଦୟର ବେଦନା ଓ ମନର କୋହକୁ ଭିତରେ ଚାପିରଖି ସଭାକାର୍ଯ୍ୟ ଆରମ୍ଭ କଲୁ। ଭଗବାନଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ହସହସ ମୁହଁରେ ଅନ୍ୟ ସମସ୍ତ ଉପସ୍ଥିତ ଅତିଥିମାନଙ୍କୁ ସଭାଗୃହକୁ ଆମନ୍ତ୍ରଣ କରି ଉଚିତ୍ ସମୟରେ ସଭା କାର୍ଯ୍ୟ ଆରମ୍ଭ କରିଥିଲୁ। ସେତେବେଳ ପର୍ଯ୍ୟନ୍ତ ଆମେ କେହି ସ୍ଥିର କରିନଥିଲୁ କିଏ ଆସି ଆଜିର ମୁଖ୍ୟ ଅତିଥି ଭାବେ ସଭା ମଣ୍ଡନ କରିବେ। ଯଥାରୀତି ସଭାକାର୍ଯ୍ୟ ଆରମ୍ଭ କରାଗଲା। ଆମ ମୁଖ୍ୟ ସମ୍ପାଦକ ପ୍ରାରମ୍ଭିକ ଅଭିଭାଷଣ ଦେବା ସମୟ ରେ ତାଙ୍କର ନଜର ପଡ଼ିଲା ମଞ୍ଚ ତଳେ ଦେବଦୂତ ଭଳି ଆସି ପହଞ୍ଚିଥିବା ଅତିଥି ଅବସରପ୍ରାପ୍ତ ବିଚାରପତି ସଞ୍ଜୟ କୁମାର ସାହୁ ଓ ବିଶିଷ୍ଟ କବି, ଗାଳ୍ପିକ, ସାମ୍ବାଦିକ ତଥା ସମ୍ପାଦକ ଶତ୍ରୁଜିତ୍ ଙ୍କ ଉପରେ ।ସେ କାହାର କୌଣସି ପରାମର୍ଶକୁ ଅପେକ୍ଷା ନକରି, ଉଭୟଙ୍କୁ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱୋଳନ ନିମନ୍ତେ ଆମନ୍ତ୍ରଣ କରିବା ସଙ୍ଗେସଙ୍ଗେ ସେହିଠାରୁ ଅନୁରୋଧ କରି ସଭାମଞ୍ଚ ଉପରକୁ ଡାକି ନେଇ ମଞ୍ଚରେ ବସାଇ ଦେଇଥିଲେ। ଉଭୟଙ୍କୁ ଆଉ ଚିନ୍ତା କରିବା ବା ନିଷ୍ପତି ନେବା ପାଇଁ ସମୟ ନଥିଲା। ବୋଧହୁଏ, ଏହା ଥିଲା ମହାପ୍ରଭୁଙ୍କ ନିଷ୍ପତି। ତା'ପରେ ସଭାକାର୍ଯ୍ୟ ସୁରୁଖୁରୁରେ ଚାଲିବା ସହିତ ତାହା ଏକ ସଫଳ କାର୍ଯ୍ୟକ୍ରମରେ ରୂପାନ୍ତରିତ ହୋଇପାରିଥିଲା। ମଞ୍ଚ ଉପର ଅତିଥିମାନେ ମଞ୍ଚ ତଳେ ଉପସ୍ଥିତ ଥିବା ସମସ୍ତ ଅତିଥି ମାନଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସଫଳ ହୋଇ ପାରିଥିଲେ। 'ଭଏସ୍ ଅଫ୍ ଭିକ୍ଟିମ୍ସ' ସର୍ବଦା ଆହ୍ୱାନର ସମ୍ମୁଖୀନ ହେଉଥିବା ବେଳେ ନିଜର ଉନ୍ମୋଚନ ଉତ୍ସବରେ ବି ସେଥିରୁ ନିସ୍ତାର ପାଇନଥିଲା। ସୁତରାଂ ବାରମ୍ବାର ଆହ୍ୱାନର ସମ୍ମୁଖୀନ ଆଉ ତାର ସଫଳ ମୁକାବିଲା ଆମକୁ ଆହୁରି ଅଧିକ ଧୈର୍ଯ୍ୟବାନ ଓ ଦୃଢ଼ମନା ହେବା ନିମନ୍ତେ ନିଶ୍ଚିତ ପ୍ରେରଣା ଯୋଗାଇବ। ଏସବୁ ଆମ ଅନୁଷ୍ଠାନ ଉପରେ ଭଗବାନଙ୍କର ଆଶୀର୍ବାଦ ବୋଲି ଧରିନେଇଛୁ।

ଜ୍ଞାନ ରଞ୍ଜନ ମିଶ୍ର

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଆର୍ଯ୍ୟମାନଙ୍କ ଭାରତ ଆକ୍ରମଣ



ସର୍ବେଶ୍ୱର ବେହେରା

ଆର୍ଯ୍ୟମାନଙ୍କ ସମ୍ବନ୍ଧରେ ବ୍ରିଟିଶ ସାମ୍ରାଜ୍ୟବାଦୀ ବିଚାରକ ତଥା ପାଶ୍ଚାତ୍ୟ ଐତିହାସିକ ମାନେ ବିକୃତକରି ସୁନିୟୋଜିତ ଢ଼ଙ୍ଗରେ ଉପସ୍ଥାପନ କରିଥିଲେ । ଆର୍ଯ୍ୟ ଏକ ଜାତି ବା ଗୋଷ୍ଠୀ, ଯେଉଁମାନେ ଭାରତ ବାହାରୁ ଆସିଛନ୍ତି । ବାସ୍ତବରେ ଆର୍ଯ୍ୟ ଏକ ବିଶୁଦ୍ଧ ଶବ୍ଦ । ଇଂରାଜୀ ଇଣ୍ଡୋ-ୟୁରୋପୀୟାନ କିମ୍ବା ଇଣ୍ଡୋ-ଇରାନୀୟନରେ ଏପରି କୌଣସି ଶବ୍ଦ ନାହିଁ । ଆର୍ଯ୍ୟ କୌଣସି ଜାତିବାଚକ ଶବ୍ଦ ନୁହେଁ । ଏହା ଏକ ଗୁଣବାଚକ ଶବ୍ଦ । ଯାହାର ଅର୍ଥ ଶ୍ରେଷ୍ଠ, ଗୁଣୀ ଓ ସତ୍ୟ । ବୈଦିକ ସାହିତ୍ୟରେ ଏହି ଶବ୍ଦକୁ ଅନେକ ଥର ଦେଖିବାକୁ ମିଳେ । ଏହି ଶବ୍ଦ ଋକ୍ ବେଦରେ ୩୧ଥର ଓ ଅଥର୍ବ ବେଦରେ ୫ଥର ଶ୍ରେଷ୍ଠ ବ୍ୟକ୍ତି ରୂପେ ଉଲ୍ଲେଖ ଅଛି । ରାମାୟଣରେ ରାଜା ଦଶରଥ ନିଜର ପୁତ୍ରମାନଙ୍କୁ ଆର୍ଯ୍ୟପୁତ୍ର ରୂପେ ସମ୍ବୋଧନ କରିଥିଲେ । ରାଣୀ କୈକେୟୀ ଯେବେ ଶ୍ରୀରାମଙ୍କୁ ଚଉଦ ବର୍ଷ ବନବାସ ପାଇଁ କହିଥିଲେ ଦଶରଥ ତାଙ୍କୁ 'ଅନାର୍ଯ୍ୟ' କହିଥିଲେ । ସେହିପରି ମହାଭାରତରେ ଦ୍ରୌପଦୀ ଅର୍ଜ୍ଜୁନଙ୍କୁ ଆର୍ଯ୍ୟପୁତ୍ର କହୁଥିଲେ । କୁନ୍ତୀ ଓ ଗାନ୍ଧାରୀ ସମସ୍ତେ ଆର୍ଯ୍ୟମାତା ଥିଲେ । ଶ୍ରୀକୃଷ୍ଣ ଆର୍ଯ୍ୟ ଥିଲେ । ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କେବଳ ଥରେ ଅନାର୍ଯ୍ୟ କହିଥିଲେ ଯେବେ ଅର୍ଜୁନ ବିଷାଦଗ୍ରସ୍ତ ହୋଇ ମହାଭାରତ ଯୁଦ୍ଧ ଭୂମିରେ ଦ୍ୱନ୍ଦ୍ୱରେ ପଡ଼ିଥିଲେ । ବୌଦ୍ଧ ସାହିତ୍ୟରେ ଚାରିଥର 'ଆର୍ଯ୍ୟ ସତ୍ୟ' ଉଲ୍ଲେଖ ଅଛି । ମୌର୍ଯ୍ୟ କାଳରେ ଆଚାର୍ଯ୍ୟ ଚାଣକ୍ୟଙ୍କୁ ଆର୍ଯ୍ୟ କୁହାଯାଉଥିଲା । ମହାକବି କାଳିଦାସ ନିଜର ବିଶ୍ୱପ୍ରସିଦ୍ଧ ନାଟକ 'ଅଭିଜ୍ଞାନ ଶକୁନ୍ତଳମ୍ ?'ରେ ମହାରାଜା ଦୁଷ୍ମନ୍ତଙ୍କୁ କେବଳ ଥରେ ଅନାର୍ଯ୍ୟ କହିଥିଲେ, ଯେବେ ସେ ଶକୁନ୍ତଳାଙ୍କୁ ନିଜର ମୁଦି ଦେବା ପ୍ରସଙ୍ଗ ଭୁଲିଯାଇଥିଲେ । ଏହିପରି ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଦେଶରେ ଆର୍ଯ୍ୟ ଶବ୍ଦକୁ ଶ୍ରେଷ୍ଠ ରୂପେ ବ୍ୟବହାର କରାଯାଇଥିଲା । ପରେ ସ୍ୱାମୀ ଦୟାନନ୍ଦ 'ଆର୍ଯ୍ୟ ସମାଜ' ପ୍ରତିଷ୍ଠା କରିଥିଲେ, ଯାହାର ଅର୍ଥ ଶ୍ରେଷ୍ଠ ବ୍ୟକ୍ତିମାନଙ୍କ ସମାଜ ଆର୍ଯ୍ୟ ସମ୍ବନ୍ଧରେ ସର୍ବପ୍ରଥମେ ଜର୍ମାନ ପାଦ୍ରୀ ମ୍ୟାକ୍ସମୁଲାର (୧୮୨୩-୧୯୦୦) ଦୁଷ୍ଟାମି କରିଥିଲେ । ୧୮୪୭, ଜୁନ ମାସରେ ସେ ଭାରତକୁ ଦୁଇ ଭାଗରେ ବିଭକ୍ତ କରିଥିଲେ । ଗୋଟିଏ ଆର୍ଯ୍ୟ ଓ ଅନ୍ୟକୁ ଜନଜାତି କହିଥିଲେ । ସେ ୧୮୪୭ରୁ ୧୮୯୧ ପର୍ଯ୍ୟନ୍ତ ଆର୍ଯ୍ୟ ଶବ୍ଦକୁ ନିଜ ଇଚ୍ଛାନୁସାରେ ବ୍ୟବହାର କରୁଥିଲେ । ୧୮୪୭ରେ ଚାର୍ଲ୍ସ ଲେସର ନାମକ ବିଦ୍ୱାନ ନିଜର ପୁସ୍ତକ ହିଷ୍ଟ୍ରି ଅଫ ଆନ୍ସିଏଣ୍ଟ ଇଣ୍ଡିଆରେ ଏହି ଆର୍ଯ୍ୟଙ୍କୁ ଏକ ଜାତି ରୂପେ ବର୍ଣ୍ଣନା କରିଥିଲା । ଏହି ପୁସ୍ତକ ପ୍ରାୟ ୪୦୦୦ ପୃଷ୍ଠାର ତିନିଟି ଭାଗରେ ପ୍ରକାଶିତ ହୋଇଥିଲା । ମ୍ୟାକ୍ସମୁଲାର ପ୍ରଥମେ ଯେଉଁ 'ଆର୍ଯ୍ୟ ଏକ ଜାତି ଓ ସେମାନେ ବାହାରୁ ଆସିଛନ୍ତି' ଉଲ୍ଲେଖ କରିଥିଲେ, ତାହାକୁ ବ୍ରିଟିଶ ସାମ୍ରାଜ୍ୟବାଦ ଓ ଖ୍ରୀଷ୍ଟିଆନ ପାଦ୍ରୀମାନେ ପ୍ରଚାର ପ୍ରସାର ଆରମ୍ଭ କରିଥିଲେ । ୧୮୭୨ରେ ମ୍ୟାକ୍ସମୁଲାର ପରିବର୍ତ୍ତନ ହୋଇ 'ଏହା ଏକ ଜାତି ନୁହେଁ' ବୋଲି କହିଥିଲେ, କିନ୍ତୁ ବ୍ରିଟିଶ ସରକାର ଏହାକୁ ଅଣଦେଖା କରିଥିଲା । ୧୮୯୧ରେ ପ୍ରସିଦ୍ଧ ଶରୀର ବିଭାଗ ମୁଖ୍ୟ କାର୍ଡ଼ିଏଫ୍ ଏହା ଏକ ପାଗଳାମି ବୋଲି କହିଥିଲେ । ଆଧୁନିକ ମାନବ ବିଜ୍ଞାନର ବିଶେଷଜ୍ଞମାନେ ଏହାକୁ ତଥ୍ୟହୀନ ଓ ଅବୈଜ୍ଞାନିକ କହିଛନ୍ତି । ଡି.ଏନ.ଏ ବିଶେଷଜ୍ଞମାନେ ଆର୍ଯ୍ୟଙ୍କୁ ଏହି ଦେଶର ମୂଳ ବ୍ୟକ୍ତି ରୂପେ ପ୍ରମାଣିତ କରିଛନ୍ତ । ୟୁରୋପର ଅନେକ ବିଦ୍ୱାନମାନେ ରାଜନୈତିକ ତଥ୍ୟ ଧାର୍ମିକ ହିତକୁ ଧ୍ୟାନ ଦେଇ ଆର୍ଯ୍ୟବାଦରୁ ଆସିଥିବା ମିଥ୍ୟା କଳ୍ପନାକୁ ପ୍ରସାରିତ କରିଥିଲେ । ସେମାନଙ୍କ ମଧ୍ୟରେ ହିଲ୍ଲୋପ, ଷ୍ଟିରେନ୍ସନ, ଡ. ଜନ ୱିଲସନ, ରବର୍ଟ କାଲ୍ଡୱେଲ, ଜେ.ସି.ମାର୍ସମ୍ୟାନ, ଆଇଲଙ୍ଗ ଓ ଆଲେକ୍ ?ଜାଣ୍ଡର ଡଫ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ମନଗଢ଼ା କାହାଣୀକୁ ବିଦ୍ୱାନ ରସ୍ଲେକ୍ସ, ରସ୍କ ଓ ଚାର୍ଲ୍ସ ଲେସର ଅଧିକ ପ୍ରସାରଣ କରିଥିଲେ ।

ବ୍ରିଟିଶ ଇତିହାସିକାରମାନେ ଆର୍ଯ୍ୟମାନଙ୍କ ଭାରତ ଆଗମନର କାଳ ତଥା ଆଗମନ ପୂର୍ବ ସ୍ଥାନ ସମ୍ବନ୍ଧରେ ମଧ୍ୟ କାଳ୍ପନିକ ରଚନା କରିଛନ୍ତି । ୧୮୨୦ ଖ୍ରୀଷ୍ଟାବ୍ଦରେ ଜେ.ସି.ରୋହୋଡେ ସର୍ବପ୍ରଥମେ ଉଲ୍ଲେଖ କରିଥିଲେ ଯେ ମଧ୍ୟ ଏସିଆରୁ ଆର୍ଯ୍ୟମାନେ ଭାରତକୁ ଆସିଛନ୍ତି । ୧୮୪୭ରେ ଲେସର ଉଲ୍ଲେଖ କରିଥିଲେ ଯେ ସଂସ୍କୃତ ଜାଣିଥିବା ବ୍ୟକ୍ତିମାନେ ପଞ୍ଜାବର ଉତ୍ତର ପଶ୍ଚିମ ଦିଗ କାଲୁଲରୁ ଆସିଛନ୍ତି । ବେନଫେ ମଧ୍ୟ ଆର୍ଯ୍ୟମାନଙ୍କ ମୂଳ ସ୍ଥାନ କଳାସାଗରର ଉତ୍ତର ଦିଗ ବୋଲି ଉଲ୍ଲେଖ କରିଛନ୍ତି । ହେ ହିନ୍ଦୁମାନେ ! ତୁମେ ସର୍ବପ୍ରଥମେ ଆକ୍ରମଣକାରୀ ଓ ଆମେ ଶେଷ ଆକ୍ରମଣକାରୀ । ଆମେ ଭଦ୍ରଲୋକ, କାରଣ ଆମ ନିକଟରେ ପ୍ରଭୁ ଯୀଶୁ ଅଛନ୍ତି । ତୁମେ ବିଜୟୀ ହୋଇଥିଲ କେବଳ ବେଦ ପାଇଁ, ସେ ବେଦ ବେକାର ନପୁଂସକମାନଙ୍କ ଦସ୍ତାବେଜ । ସମସ୍ତେ ଆସ, ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୁଅ । ଏବେ ମଧ୍ୟ ବିଳମ୍ବ ହୋଇନାହିଁ ।' ବଡ଼ ଆଶ୍ଚର୍ଯ୍ୟର କଥା ଏହାକୁ ତଥ୍ୟ ରୂପେ ସ୍ୱୀକାର କରି ଲଣ୍ଡନର ରୟାଲ ଏସିଆଟିକ ସୋସାଇଟିର ୱିଂଶ୍ଲାଟ ଷ୍ଟ୍ରେଫୋଡଙ୍କ ଅଧ୍ୟକ୍ଷତାରେ ୧୮୬୬, ଏପ୍ରିଲ ୯ ତାରିଖ ଦିନ ଏକ ପ୍ରସ୍ତାବ ସ୍ୱୀକୃତ କରିଦେଇଥିଲେ ଯେ ଆର୍ଯ୍ୟମାନେ ଭାରତ ବାହାରୁ ଆସିଛନ୍ତି । ସେବେଠାରୁ ଭାରତରେ ଏହାକୁ ସମସ୍ତେ ସ୍ୱୀକାର କରିନେଲେ । ସରକାରୀ ଆଇନରେ ଏହା ପରିଣତ ହୋଇଗଲା । ଏହା ଭାରତର ଅତୀତକୁ ବିଚ୍ଛିନ୍ନ କରିବା ତଥା ପରସ୍ପର ମଧ୍ୟରେ ବିଭେଦ ସୃଷ୍ଟି କରିବା ପାଇଁ ଏକ ଷଡ଼ଯନ୍ତ୍ର ଥିଲା ।

ବାସ୍ତବରେ ଏ ସମ୍ବନ୍ଧରେ ଐତିହାସିକ ତଥ୍ୟ କିମ୍ବା ପୁରାତାତ୍ତ୍ୱିକ ପ୍ରମାଣ ଏ ପର୍ଯ୍ୟନ୍ତ ଉପଲବ୍ଧ ନାହିଁ । ଯେଉଁଥିରୁ ପ୍ରମାଣ ମିଳିବ ଯେ ଆର୍ଯ୍ୟମାନେ ବାହାରୁ ଆସିଛନ୍ତି । ଭାରତର ଅନେକ ବିଦ୍ୱାନମାନେ ଏହି ବିକୃତି ତଥା କପଟତାପୂର୍ଣ୍ଣ ତଥ୍ୟକୁ ଆହ୍ୱାନ ରୂପେ ସ୍ୱୀକାର କରିଛନ୍ତି । ପ୍ରସିଦ୍ଧ ବିଦ୍ୱାନ ଅବିନାଶ ଚନ୍ଦ୍ର ଦାସ ନିଜର ବ୍ୟଙ୍ଗପୂର୍ଣ୍ଣ ଶୈଳୀରେ କହିଛନ୍ତି- "ଭାରତର ଆର୍ଯ୍ୟମାନେ କୌଣସି ଔପନିବେଶିକ କର୍ତ୍ତା ନଥିଲେ କିମ୍ବା ସେମାନେ ବାହାରୁ ଆସି ଏଠାରେ ବସବାସ କରିନାହାନ୍ତି । ସେମାନେ ଏଠାକାର ମୂଳ ବାସିନ୍ଦା ଥିଲେ । ସ୍ୱାମୀ ଦୟାନନ୍ଦ ଆର୍ଯ୍ୟମାନଙ୍କୁ ଭାରତର ସ୍ଥାୟୀ ବାସିନ୍ଦା ରୂପେ କହି ସେମାନଙ୍କର ମୂଳ ସ୍ଥାନ ତିବ୍ ?ବତ ବୋଲି କହିଥିଲେ । ଲୋକମାନ୍ୟ ତିଳକ ସେମାନଙ୍କୁ ଉତ୍ତର ଧ୍ରୁବର ବ୍ୟକ୍ତି ବୋଲି କହିଥିଲେ । କେତେକ ବିଦ୍ୱାନମାନେ ସେମାନଙ୍କୁ ପଞ୍ଜାବର ମୁଲତାନ ଅର୍ଥାତ୍ ମୂଳସ୍ଥାନ ରୂପେ କହିଥିଲେ । ଡ. ସମ୍ପୂର୍ଣ୍ଣାନନ୍ଦ ସପ୍ତସିନ୍ଧୁ ପ୍ରଦେଶକୁ ଆର୍ଯ୍ୟମାନଙ୍କ ମୂଳ ସ୍ଥାନ ବୋଲି ଦର୍ଶାଇଛନ୍ତି । ସେ ବୈଦିକ ସଭ୍ୟତାକୁ ମହେଞ୍ଜୋଦାରୋ ଠାରୁ ୫୦୦୦ ବର୍ଷ ପୁରାତନ ରୂପେ ଉଲ୍ଲେଖ କରିଛନ୍ତି । ୧୯୦୦ ଖ୍ରୀଷ୍ଟାବ୍ଦରେ ସ୍ୱାମୀ ବିବେକାନନ୍ଦ ପ୍ୟାରିସ୍ ଧର୍ମ ସମ୍ମିଳନୀରେ ୟୁରୋପୀୟାନ ବିଦ୍ୱାନମାନଙ୍କର ଏହି ସିଦ୍ଧାନ୍ତକୁ 'ମୂର୍ଖତାପୂର୍ଣ୍ଣ ପ୍ରଳାପ ମାତ୍ର' କହିଥିଲେ । ସେ ଆର୍ଯ୍ୟମାନଙ୍କ ଆକ୍ରମଣକୁ ଇଂରେଜମାନଙ୍କ ପାଗଳାମି ବୋଲି କହି ଇଂରେଜ ମାନଙ୍କର ଏହା ତଥ୍ୟହୀନ ଅନୁମାନ ରୂପେ ଦର୍ଶାଇଥିଲେ । ସେ ଏହାକୁ ନିଶ୍ଚିତ ଦୁର୍ବୁଦ୍ଧି ଓ ଦୁଷ୍ଟତାପୂର୍ଣ୍ଣ କାର୍ଯ୍ୟ ବୋଲି କହିଥିଲେ । ସେ ଜୋର ଦେଇ କହିଥିଲେ "ହିନ୍ଦୁ ଶାସ୍ତ୍ର ଗୁଡ଼ିକରେ ଏପରି ଗୋଟିଏ ମାତ୍ର ଶବ୍ଦ ନାହିଁ, ଯାହା ପ୍ରମାଣ ଦେବ ଯେ ଆର୍ଯ୍ୟମାନେ ଅନ୍ୟ କୌଣସି ବାହାର ଦେଶରୁ ଆସିଛନ୍ତି । ଡ. ବି.ଆର.ଆମ୍ବେଦକର ମଧ୍ୟ କହିଛନ୍ତି ଯେ ଋଗ୍ ?ବେଦରେ ଏପରି କୌଣସି ପ୍ରମାଣ ନାହିଁ; ଯେଉଁଥିରେ ଆର୍ଯ୍ୟମାନେ ବାହାରୁ ଆସିଛନ୍ତି ବୋଲି କୁହାଯିବ । ସ୍ୱାମୀ ବିବେକାନନ୍ଦ ନିଜର ମାନସିକ କଷ୍ଟକୁ ପ୍ରକାଶ କରି କହିଛନ୍ତି ଯେ, 'ଆଶ୍ଚର୍ଯ୍ୟର କଥା ଆମ ଦେଶର ବିଦ୍ୱାନମାନେ ମଧ୍ୟ ଇଂରେଜମାନଙ୍କ ଏହି ଷଡ଼ଯନ୍ତ୍ରରେ ସାମିଲ ହୋଇଛନ୍ତି । ଏହାଠାରୁ ଲଜ୍ଜାକର କଥା କ'ଣ ଅଧିକ ହୋଇପାରେ !' ଭାରତର ସ୍ୱାଧୀନତା ପରେ ଏମସିଆଇଟି ତଥା ରାଜ୍ୟର ଇତିହାସ ପୁସ୍ତକରେ ଆର୍ଯ୍ୟମାନେ ବାହାରୁ ଆସିଛନ୍ତି ବୋଲି ଆଜି ମଧ୍ୟ ପଢ଼ାଯାଉଛି ।

*ଆଡ଼ଭୋକେଟ, ଖଟବିନସାହି, କଟକ*
*ମୋ-୯୪୩୭୦୧୬୩୮୪*

## ମୋକ୍ଷଦା ଏକାଦଶୀ

# ଏକାଦଶୀ ଉପବାସ ମାହାତ୍ମ୍ୟ : ୨

ସିଦ୍ଧାର୍ଥ ମହାପାତ୍ର

ଯୁଧିଷ୍ଠିର, ପ୍ରଭୁ ଶ୍ରୀକୃଷ୍ଣ ଙ୍କୁ ବାକି ୨୩ ଏକାଦଶୀର ନାମ, ମାହାତ୍ମ୍ୟ ଏବଂ ପାଳନ ବିଧି ବିଷୟରେ ପଚାରିଲେ। ପ୍ରଭୁ ଶ୍ରୀକୃଷ୍ଣଙ୍କ ଅନୁସାରେ ମାର୍ଗଶିର ମାସ ତାଙ୍କର ଅତି ପ୍ରିୟ ଅଟେ। କୃଷ୍ଣ ପକ୍ଷ ଏକାଦଶୀ ପାଳନ ଦ୍ୱାରା ଭଗବତ ପ୍ରେମ ଉତ୍ପନ୍ନ ହୁଏ ଏବଂ ଶୁକ୍ଳ ପକ୍ଷ ଏକାଦଶୀ ପାଳନ ଦ୍ୱାରା ମୋକ୍ଷ ପ୍ରାପ୍ତି ହୋଇଥାଏ। ମୋକ୍ଷଦା ଏକାଦଶୀ (ମାର୍ଗଶିର ମାସ ଶୁକ୍ଳ ପକ୍ଷ) ରେ ପାଳନ ହୁଏ। ପ୍ରଭୁ ଶ୍ରୀକୃଷ୍ଣ କହିଲେ, ପ୍ରାଚୀନ ଗୋକୁଳ ନଗରୀରେ ବୈଖାନସ ନାମରେ ଜଣେ ଧର୍ମାତ୍ମା ରାଜା ଥିଲେ। ଏକଦା ସେ ସ୍ୱପ୍ନରେ ନିଜ ପରଲୋକଗତ ପିତାଙ୍କୁ ନର୍କ ଭୋଗୁଥିବା ଦେଖିଲେ। ବିଦ୍ୱାନ ଜ୍ୟୋତିଷ ଏବଂ ବେଦଜ୍ଞ ବ୍ରାହ୍ମଣଙ୍କୁ ପିତାଙ୍କ ଉଦ୍ଧାର ବିଧି ପଚାରିବାରୁ, ସେମାନେ ନିକଟରେ ଥିବା ପର୍ବତ ଋଷିଙ୍କ ଶରଣାଗତ ହେବାକୁ ପରାମର୍ଶ ଦେଲେ। ପର୍ବତ ଋଷି ଯୋଗ ଶକ୍ତିବଳରେ ବିଚାର କରି ରାଜା ବୈଖାନସଙ୍କୁ ସପରିବାର ମାର୍ଗଶିର ଶୁକ୍ଳ ପକ୍ଷ ଏକାଦଶୀ ବ୍ରତ ପାଳନ କରିବାର ଉପଦେଶ ଦେଲେ ଏବଂ ଏକାଦଶୀ ବ୍ରତର ଫଳ ପରଲୋକଗତ ପିତା ଙ୍କ ପାଇଁ ସଂକଳ୍ପ କରିବାକୁ କହିଲେ। ରାଜା ବୈଖାନସ ସପରିବାର ଏକାଦଶୀ ବ୍ରତ ପାଳନ କରି ତାହାର ଫଳ ପିତାଙ୍କ ଆତ୍ମାକୁ ପ୍ରଦାନର ସଂକଳ୍ପ କଲେ।ଏହା ଫଳରେ ତାଙ୍କ ପରଲୋକଗତ ପିତାଙ୍କ ଆତ୍ମା ସ୍ୱର୍ଗ ବାସୀ ହେଲା। ମୋକ୍ଷ ପ୍ରଦାନ କରିଥିବାରୁ ଏହି ଏକାଦଶୀ କୁ ମୋକ୍ଷଦା ଏକାଦଶୀ କୁହାଯାଏ। ମୋକ୍ଷଦା ଏକାଦଶୀ ରେ ତୁଳସୀ ମଞ୍ଜରୀରେ ଭଗବାନଙ୍କ ଅର୍ଚ୍ଚନା କରାଯାଏ। ଫଳାହାର ସଙ୍ଗେ ବେଲପତ୍ର ଏହି ଏକାଦଶୀ ରେ ସେବନ କରିବା ଉଚିତ୍।

*ବଜ୍ରକବାଟି ରୋଡ, କଟକ-୧*
*ମୋବାଇଲ: ୯୩୩୮୫୭୦୯୯୩*

# ବିଦ୍ୟାଳୟକୁ ରାସ୍ତା କେବେ ? ବିଲହୁଡ଼ାରେ ଯାତାୟାତ କରୁଛନ୍ତି ଛାତ୍ରଛାତ୍ରୀ

ଫିରିଙ୍ଗିଆ,(ଭିଓଭି) : ସରକାର ଶିକ୍ଷାକୁ ଗୁରୁତ୍ୱ ଦେଇ ଅନେକ ଯୋଜନା କରୁଛନ୍ତି, ଅନେକ ବିଦ୍ୟାଳୟକୁ ରୂପାନ୍ତରଣ କରିବା ସହ ଡିଜିଟାଲ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ହେଲେ ସ୍ଥାନୀୟ ପ୍ରଶାସନର ଆନ୍ତରିକତା ନଥିବାରୁ କିଛି ବିଦ୍ୟାଳୟ ଆଜି ବି ଅପହଞ୍ଚ ହୋଇ ରହିଯାଉଛି, ଫଳରେ ବିଦ୍ୟାଳୟକୁ ଆସିବାକୁ ଛାତ୍ରଛାତ୍ରୀ ଅମଙ୍ଗ ହେଉଛନ୍ତି। ସ୍ୱାଧୀନତାର ବହୁ ବର୍ଷ ପରେ ମଧ୍ୟ ବିଦ୍ୟାଳୟକୁ ଯିବାପାଇଁ ଭଲ ରାସ୍ତା ଖଣ୍ଡେ ନାହିଁ ।ବର୍ଷ ବର୍ଷ ଧରି ଛାତ୍ରଛାତ୍ରୀଙ୍କ ଚଲାପଥ ପାଲଟିଛି ବିଲହୁଡ଼ା । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡି ପଞ୍ଚାୟତରେ । କରୁକଜା ଠାରୁ ଗଣିବାଲି ଯିବା ପାଇଁ ଭଲ ରାସ୍ତା ଖଣ୍ଡେ ନାହିଁ ।ତେଣୁ ଗଣିବାଲି ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଯିବା ପାଇଁ ହେଲେ ବିଲ ହୁଡା ଏକମାତ୍ର ସାହାଭରଷା ।ଆଜିଯାଏ ଗମନାଗମନ ପାଇଁ ରାସ୍ତା ହୋଇ ପାରିଲା ନାହିଁ ଯାହା ଫଳରେ କି କୁନିକୁନି ଛାତ୍ରଛାତ୍ରୀମାନେ ବିଲହୁଡ଼ା ଦେଇ ଯାତାୟତ କରୁଛନ୍ତି । ଦିନେ ନୁହେଁ କି ମାସେ ନୁହେଁ ବର୍ଷ ବର୍ଷ ଧରି ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି । ଦୁଃଖର ବିଷୟ ସରକାର ମାଳମାଳ ଯୋଜନା ପ୍ରସ୍ତୁତ କରି ପକ୍କା ରାସ୍ତା ନିର୍ମାଣ କରୁଛନ୍ତି ଓ ଗାଁକୁ



ସହର ସହିତ ଯୋଡୁଛନ୍ତି । କିନ୍ତୁ ଏଠି ଏଯାଏଁ ଛାତ୍ର ଛାତ୍ରୀ ବିଦ୍ୟାଳୟକୁ ଯିବା ପାଇଁ ରାସ୍ତା ଖଣ୍ଡେ ହୋଇନାହିଁ ।ଫିରିଙ୍ଗିଆ ବ୍ଲକ ଭୃଙ୍ଗୀଯୋଡି ପଂଚାୟତରେ ସରକାରଙ୍କ ଯୋଜନା ଫେଲ୍ ମାରିଛି । ଏଯାଏଁ ବିଦ୍ୟାଳୟକୁ ରାସ୍ତାଟି ନିର୍ମାଣ ହୋଇ ପାରୁନାହିଁ ଯାହା ଫଳରେ ଛାତ୍ରଛାତ୍ରୀ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଗ୍ରାମବାସୀ ବିଲ ରାସ୍ତା ଦେଇ ଗମନାଗମନ କରୁଛନ୍ତି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟକୁ ରାସ୍ତା ନିର୍ମାଣ ପାଇଁ ଅଭିଭାବକ ସମେତ ଗ୍ରାମ ବାସୀ ଦାବି କରିଛନ୍ତି ।

# ପ୍ରଦୂଷଣ ଓ ବିସ୍ଥାପନ ସମସ୍ୟାରେ କଣିହାଁ ଉବୁଟୁବୁ ଜନ ଆନ୍ଦୋଳନ ଗଢି ତୋଳିବା କୁ ଆହ୍ୱାନ

କଣିହାଁ, (ଭିଓଭି): କଣିହାଁ ବ୍ଲକ୍ ଅଞ୍ଚଳରେ କୋଇଲା ଖଣି ଓ ତାପଜ ବିଦ୍ୟୁତ କେନ୍ଦ୍ର ପ୍ରତିଷ୍ଠା ହୋଇଛି ।ପ୍ରତିଦିନ ହଜାର ହଜାର ଭାରୀଯାନ ଓ ଅନ୍ୟାନ୍ୟ ଗାଡି ଚଳା ଚଳ କରୁଛି। ସାଧାରଣ ଜନତା ଜମିହରାଇ ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧା ନପାଇ ପ୍ରଶାସନ ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। କୋଇଲା ଓ ପାଉଁସ ଧୂଳି ଧୂଆଁରେ ସମଗ୍ର ବାୟୁମଣ୍ଡଳ ଆଚ୍ଛାଦିତ ହୋଇ ରହୁଛି। ପାରିପାର୍ଶିକ ଉନ୍ନୟନ କାମ ଶୁନ୍ କହିଲେ ଅତ୍ୟୁକ୍ତି ହେବନାହିଁ ।ରାସ୍ତାଘାଟର ଅବସ୍ଥା ଶୋଚନୀୟ ।ଲୋକ ବ୍ୟବହାର କରୁଥିବା ଜଳରେ ପାଉଁସ ଓ କୋଇଲା ଗୁଣ୍ଡର ଆସ୍ତରଣ ପଡୁଛି। ଏଭଳି ବିଷାକ୍ତ ପରିବେଶ ମଧ୍ୟରେ କଣିହାଁ ଅଞ୍ଚଳବାସୀ ଏବେ ଅଭିଶପ୍ତ ଜୀବନ ବିତାଉଛନ୍ତି। ସମସ୍ୟା ସମାଧାନ ପାଇଁ ସତେ ଯେମିତି କେହି ଉତ୍ତରଦାୟୀ ନୁହଁନ୍ତି ? ଏଭଳି ପରିସ୍ଥିତି କୁ ଅନୁମେୟ କରି ତାଳଚେର ସ୍ୱାଧୀନତା ସଂଗ୍ରାମୀ ମୋମରିଆଲ ଟ୍ରଷ୍ଟ,କଣିହାଁ ପରିସରରେ 'ତାଳଚେର-ଅନୁଗୋଳ ବଞ୍ଚାଅ ଆନ୍ଦୋଳନ' ପକ୍ଷରୁ ଶୁକ୍ରବାର ପୂର୍ବାହ୍ଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ବ୍ଲକ୍ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ସାମାଜିକ ସଂଗଠନ ଓ ଶ୍ରମିକ ସଙ୍ଗଠନ ର କର୍ମ କର୍ତ୍ତା, ବରିଷ୍ଠ ନାଗରିକ, ଏକାଧିକ ଗ୍ରାମର ମୁଖିଆ ମାନେ ସାମିଲ ହୋଇଥିଲେ। ବୈଠକରେ 'ତାଳଚେର-ଅନୁଗୋଳ ବଞ୍ଚାଅ ଆନ୍ଦୋଳନ' ର ଆବାହକ ତଥା ବରିଷ୍ଠ ସାମ୍ବାଦିକ ଜଗଦାନନ୍ଦ ପ୍ରଧାନଙ୍କ ଅଧକ୍ଷତା କରିଥିଲେ ।ସାଧାରଣ ଜନତା ମଣିଷ ଭଳି ବଞ୍ଚିବାର ମୌଳିକ ଅଧିକାର ଯଥା- ପ୍ରଦୁର୍ଷଣ, ସ୍ୱାସ୍ଥ୍ୟ ଓ ବିସ୍ଥାପନ ଓ ସାମାଜିକ ସୁରକ୍ଷା ସମସ୍ୟାର ସମାଧାନ ପାଇଁ ଜନ ସାଧାରଣଙ୍କୁ ସଚେତନ କରାଇ ଆଗାମୀ ଦିନରେ ଗଣ ଆନ୍ଦୋଳନ ଗଢି ତୋଳିବାକୁ ନିଷ୍ପତ୍ତି ନେଇଥିଲେ।

# ଭଙ୍ଗାକୁଡ଼ିଆରେ ବିତୁଛି ବୃଦ୍ଧଙ୍କ ଜୀବନ, ଆବାସ ଯୋଜନାରୁ ବଞ୍ଚିତ



କଳିଙ୍ଗନଗର (ଭିଓଭି): ରାଜ୍ୟ ଓ କେନ୍ଦ୍ରସରକାର ଗରିବ ନିଃସହାୟ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାପାଇଁ ବିଭିନ୍ନପ୍ରକାର ଯୋଜନା ପ୍ରଣୟନ କରୁଥିବାବେଳେ ଆବାସ ଯୋଜନା ଏଥି ମଧ୍ୟରୁ ଅନ୍ୟତମ, ବାସ୍ତବରେ ବିଭାଗୀୟ ଅଧିକାରୀଙ୍କର ମନମୁଖୀ କାର୍ଯ୍ୟ ଯୋଗୁଁ ବହୁ ଯୋଗ୍ୟ ହିତାଧିକାରୀ ଏହି ଆବାସ ପାଇବାରୁ ବଞ୍ଚିତ ହୋଇ ଖରା ବର୍ଷା ରେ ମୁଣ୍ଡ ଗୁଞ୍ଜିବାକୁ ଆଶ୍ରା ପାଉନାହାନ୍ତି ।ଏମିତି ଏକ ଚିତ୍ର ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଂଚାୟତର ମାନଗୋବିନ୍ଦପୁର ଗାଁ ରେ ଜରିପାଲ ପକାଇ ବହୁତ କଷ୍ଟରେ ରହୁଛନ୍ତି ଦୀନ ମଜୁରିଆ ଅକ୍ଷୟଙ୍କ ପରିବାର, ବହୁତ ଥର ଲୋକ ପ୍ରତିନିଧି ଓ ବ୍ଲକ ଅଫିସ ଦୌଡ଼ି ଦୌଡି ନିରାଶ ଅକ୍ଷୟ। ଏହି ଗାଁର ଶତ୍ରୁଘନ ପାତ୍ର ଙ୍କର ପୁଅ ଅକ୍ଷୟ ପାତ୍ର ( ୪୫ ),ପରିବାର ରେ ତାଙ୍କ ପତ୍ନୀ ରୁକ୍ମଣୀ ଓ ଏକମାତ୍ର ଝିଅ ପିଙ୍କି ( ୧୧ ) ବର୍ଷ ଏକ ଚାଳ ଘରେ ରୁହନ୍ତି ।ଦୀନ ମଜୁରୀଆ ଅକ୍ଷୟ ନିଜ ର ଦେହ ଦୀର୍ଘ ଦିନ ଧରି ଅସୁସ୍ଥ ହେବାରୁ ମୁଲ ମଜୁରୀ କରିବାକୁ ଯାଇ ପାରିଲେ ନାହଁ, ଚାଳ ଘର ଖଣ୍ଡିକ ଛାଉଣୀ କରିପାରିଲେ ନାହଁ, ଦାନା ବାତ୍ୟା ଆସିବା ଶୁଣି ଏକ ପାଲ ଆଣି ଘର ଉପରେ ପକାଇଲେ, ବାତ୍ୟା ଭୟରେ ପରିବାର ନିଜ ଘରେ ରହିଲେ ନାହିଁ ।ଅର୍ଥ ଅଭାବ କୁ ବୋଝ ଉପରେ ନଳିତା ବିଡା ପରି ଏଗାର ବର୍ଷର ଝିଅ ପିଙ୍କି ପାତ୍ର ଜଣେ ମାନସିକ ରୋଗୀ, ଏତେ ବଡ଼ ଝିଅ ବିଦ୍ୟାଳୟ ମାଟି ମାଡିନାହିଁ, ଠିକରେ କଥା କହୁନାହିଁ, ଖାଲି ଯେଉଁଠି ଶୋଇଲେ ଶୋଇ ରହୁଛି। ବସିଲେ ବସିଲେ ବହୁତ ସମୟ ଚୁପ ହୋଇ ବସି ରହୁଛି, ଚିକିସ୍ଛା କରିବା ପାଇଁ ଅର୍ଥର ଅଭାବ, ଖରା ବର୍ଷା ରେ ମୁଣ୍ଡ ଉପରେ ଛାତ ନାହିଁ ଅନ୍ୟ ପଟେ ଝିଅ ର ଚିକିସ୍ଛା ର ଚିନ୍ତାରେ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି ଦୀନଦୁଃଖୀ ଅକ୍ଷୟ ।ତେଣୁ ଏହି ଗରିବ ପରିବାରକୁ ପ୍ରଶାସନ ଆବାସ ଖଣ୍ଡେ ଯୋଗାଇ ଦେବା ସହ କୌଣସି ସ ହୃଦୟ ବ୍ୟକ୍ତି, ଅନୁଷ୍ଠାନ କି ରାଜନେତା ତାଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ସେ ଓ ଗ୍ରାମବାସୀ ଗୁହାରି କରିଛନ୍ତି।

# ତଳମୁଣ୍ଡରେ ପାଣି ନାହିଁ, କେନାଲରେ ଘାଇ



ଭଣ୍ଡାରିପୋଖରୀ (ଭିଓଭି): ସଂପ୍ରତି ଖରିଫ୍ ଧାନ ଚାଷର ଶେଷ ସମୟ ଉପନୀତ ହୋଇଛି ।ଆଉ ଦିନ କେତଟା ପରେ ଚାଷୀମାନେ ଘରକୁ ଫସଲ ଆଣିବେ। କ୍ଷେତରେ ଧାନ ଏବେ ଆହାର ସଂଗ୍ରହ କରି ଫୁଲ ଉଠାଉଥିବା ବେଳେ ପ୍ରାୟ ଏକ ସପ୍ତାହ ମଧ୍ୟରେ ଶସ୍ୟ ପାଚି ଯିବ। ଏପରି ସ୍ଥଳେ ଏବେ ଧାନ କ୍ଷେତରେ ପାଣିର ପ୍ରଚୁର ଆବଶ୍ୟକ ହୋଇଛି ।କାରଣ ଶସ୍ୟ ଆହାର ସଂଗ୍ରହ ବେଳେ ଜଳର ଆବଶ୍ୟକତା ଯଥେଷ୍ଟ ରହିଥାଏ।ବର୍ଷା ଛାଡ଼ି ଯାଇଥିବା ବେଳେ କେନାଲ ପାଣି ଚାଷୀଙ୍କୁ ଭରସା ହୋଇଛି। ପରିତାପର ବିଷୟ କେନାଲରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ଅନେକ କ୍ଷେତକୁ ପାଣି ଯାଇ ପାରୁନାହିଁ। ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ସମସ୍ତ ଜମିକୁ କେନାଲ ବ୍ୟବସ୍ଥା ରହିଥିବାବେଳେ ଅନେକ ଜମିରେ ପାଣି ପହଞ୍ଚିବା ସମ୍ଭବ ହେଉନାହିଁ। ବ୍ଲକର ରହଣିଆ ଦେଇ ଯାଇଥିବା ନୈରଙ୍ଗପୁର ମାଇନର କେନାଲଟି ଉପରେ ଅନେକ ଚାଷୀ ନିର୍ଭର କରିଥାନ୍ତି। ଉକ୍ତ ମାଇନର କେନାଲ ଟିର କିଛି ସ୍ଥାନରେ ଘାଇ ସୃଷ୍ଟି ହୋଇଛି। କେନାଲ ଉପର ମୁଣ୍ଡ ଚାଷୀଙ୍କ ପାଇଁ କିଛି ସମସ୍ୟା ନଥିବା ବେଳେ ତଳ ମୁଣ୍ଡ ଚାଷୀ ଆବଶ୍ୟକ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। କେନାଲରେ ପାଣି ଆସୁଥିଲେ ସୁଦ୍ଧା ମଧ୍ୟ ଭାଗରେ ଘାଇ ଯୋଗୁଁ ଏହା ଶେଷ ମୁଣ୍ଡରେ ପହଞ୍ଚିବା କଷ୍ଟକର ହେଉଛି। ଫଳରେ କେନାଲ ଉପରେ ନିର୍ଭର କରୁଥିବା ରହଣିଆ,ଦେଉଳପଦୀ,ନୈରଙ୍ଗପୁର, ରାମପୁର ପ୍ରମୁଖ ଗ୍ରାମର ଚାଷୀ ମାନେ ପାଣି ଜନିତ ସମସ୍ୟା କାରଣରୁ ଦହଗଞ୍ଜ ହେଉଛନ୍ତି। କେନାଲ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଧାମନଗର ଜଳସମ୍ପଦ ବିଭାଗ ଏହା ଉପରେ ଦୃଷ୍ଟି ଦେଇ ତୁରନ୍ତ ଘାଇ ମରାମତି କରିବାକୁ ଚାଷୀ ମାନେ ଦାବି କରିଛନ୍ତି।

# ସୁକିନ୍ଦା ରୋଡ ରେଲୱେ ସାଇଡିଙ୍ଗକୁ ପ୍ରଦ୍ୟୁଷଣ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ

କଳିଙ୍ଗନଗର, (ଭିଓଭି): ଯାଜପୁର ଜିଲ୍ଲା ସୁକିନ୍ଦା ରୋଡ ମାନପୁର ରେଲୱେ ସାଇଡିଙ୍ଗ ଯୋଗୁ ବ୍ୟାପକ ଜଳ ଓ ବାୟୁ ପ୍ରଦ୍ୟୁଷଣ ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡର ପକ୍ଷରୁ ନୋଟିସ ଦିଆଯାଇଛି। ବିଭାଗ ପକ୍ଷରୁ ଗତ ୬ ତାରିଖ ଦିନ ସାଇଡିଙ୍ଗ ତଦନ୍ତ କରାଯାଇଥିଲା। ସାଇଡିଙ୍ଗ ରେ କାମ ଚାଲିଥିବା ବେଳେ ପ୍ରଦ୍ୟୁଷଣ ନିୟମାନଙ୍କୁ ଖୋଲାଖୋଲି ଉଲ୍ଲଘନ କରାଯାଇଥିବା ଦେଖିବାକୁ ମିଳିଥିଲା। ଯାହା ଫଳରେ ବିଭାଗ ପକ୍ଷରୁ ଗୁରୁବାର ଦିନ ସୁକିନ୍ଦା ରେଲୱେ ଷ୍ଟେସନ ସୁପରୀଟେଡେଣ୍ଟ ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ସ୍ଥାନୀୟ ସୁଆଁଲୋ ମୁଣ୍ଡାସାହି ଲୋକେ ଯକ୍ଷ୍ମା ଓ କିଡ଼ନୀ ରୋଗରେ ପଡ଼ି ବହୁତ ମୃତ୍ୟୁ ବରଣ କରୁଛନ୍ତି ଓ ଅନେକ ଅପେକ୍ଷା ରେ ଅଛନ୍ତି ।ନିୟମାନୁଯାୟୀ ଜଳ ସିଞ୍ଚନ, ବୃକ୍ଷ ରୋପଣ ଆଦି କରା ଯାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। କୋଇଲା ଗୁଣ୍ଡା ଓ କ୍ଲିଙ୍କର ଗୁଣ୍ଡ ସବୁ ପବନରେ ଉଡ଼ି ଅଖା ପାଖ କୂଅ ପୋଖରୀ କୁ ପ୍ରଦ୍ୟୁଷିତ

# ବିଭିନ୍ନ ଦାବୀ ନେଇ ଏଏମ/ଏନଏସ୍ ଆଗରେ ଧାରଣା

ପାରାଦୀପ (ଭିଓଭି): ପାରାଦୀପ ଉପକଣ୍ଠରେ ଥିବା ଆର୍ସେଲର ମିତ୍ତଲ/ନିପ୍ପନ ଷ୍ଟିଲ୍ କମ୍ପାନୀ (ଏଏମ/ଏନଏସ)ଆଗରେ ଶୁକ୍ରବାର ଦିନ ଠିକା କର୍ମଚାରୀମାନେ ଧାରଣା ଦେଇଛନ୍ତି । କମ୍ପାନୀ ନିର୍ମାଣ ପାଇଁ ଜମି ଦେଇ ଏବେ ଭିଟାମାଟି ଛାଡିବେ ସ୍ଥାନୀୟ ଜମିହରା । ହେଲେ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ନିଯୁକ୍ତି ନାମରେ ଶୋଷଣ କରୁଥିବା ନେଇ ଅଭିଯୋଗ କରିଛନ୍ତି ଧାରଣାରେ ବସିଥିବା ସତ୍ୟପ୍ରକାଶ ସାମଲ । କମ୍ପାନୀର ଏହି ଅନ୍ୟାୟ କାର୍ଯ୍ୟ ଓ ମନମାନୀକୁ ବିରୋଧ



କରି ଧାରଣା ଦେଇଛୁ ବୋଲି କହିଛନ୍ତି ପୂଜା ସ୍ୱାଇଁ। ଗୋଟେ ପଟେ ଦରଦାମ ଅହେତୁକ ବାବେ ବୃଦ୍ଧି ପାଇଥିବା ବେଳେ ଏଏମ/ ଏନଏସ କମ୍ପାନୀ ମାତ୍ର ବାର ହଜାର ଟଙ୍କା ଦରମା ଦେଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି । ୨୦୦୬-୦୭ ମସିହାରେ ଏସାର ଷ୍ଟିଲ କମ୍ପାନୀ ସ୍ଥାନୀୟ ଲୋକଙ୍କ ଠାରୁ ଜମି ନେଇ କିଛି ନାମମାତ୍ର ଲୋକଙ୍କୁ ନିଯୁକ୍ତି ଦେଇଥିଲେ ବି ଆହୁର ଅନେକ ଜମିହାର ଓ ବିସ୍ଥାପିତଙ୍କୁ ଏଯାଏ ନିଯୁକ୍ତି ମିଳିଲା ନାହିଁ । ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଲା ନାହିଁ । ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ବଦଳରେ ଠିକା ସଂସ୍ଥା ଅଧିନରେ ନିଯୁକ୍ତି ଦିଆଗଲା । ଏଏମ/ ଏନଏସ କମ୍ପାନୀ ଏସାର ଷ୍ଟିଲ କମ୍ପାନୀକୁ ଅଧିଗ୍ରହଣ କରିବା ପରେ ମଧ୍ୟ ଦରମା ବୃଦ୍ଧି ହେଲାନାହିଁ । ବାରମ୍ବାର ଏସମ୍ପର୍କରେ ଏଏମ/ ଏନଏସ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇ ଥିଲେ ମଧ୍ୟ ଏଏମ/ଏନଏସ କମ୍ପାନୀ କୌଣସି ପଦକ୍ଷେପ ନେଉନାହାନ୍ତି । ମାତ୍ର ବାର ହଜାର ଟଙ୍କାରେ ଚଳିବା ଅସମ୍ଭବ ହୋଇ ପଡିବାରୁ ଧାରଣା ଦେଇଥିବା ସତ୍ୟପ୍ରକାଶ ସାମଲ, ପୂଜା ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀମାନେ କହିଛନ୍ତି । ଏଏମ/ଏନଏସ କମ୍ପାନୀ କର୍ତ୍ତୃପକ୍ଷ ଯଦି ସେମାନଙ୍କ ଦାବୀ ପୂରଣ ନକରନ୍ତି ତେବେ ସେମାନେ ଆଗାମୀ ଦିନରେ ପରିବାର ସହିତ ଧାରଣା ଦେବା ସହିତ କମ୍ପାନୀର ଗେଟ୍ ବନ୍ଦ କରିବେ ବୋଲି କହିଛନ୍ତି ।

# ଭଏସ୍ ଅଫ୍ ଭିକ୍ଟିମ୍ସର ଶୁଭ ଉନ୍ମୋଚନ

ଭୁବନେଶ୍ୱର (ଭିଓଭି): ୨୦୨୪ ନଭେମ୍ବର ୩ ତାରିଖ ସଂନ୍ଧ୍ୟା ୫ଘଟିକା ସମୟରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ପିପୁଲ୍ସ ପଦ୍ମଜା ପ୍ରିମିୟମ ହୋଟେଲର ଅଭ୍ୟର୍ଥନା କକ୍ଷରେ ସାପ୍ତାହିକ ସମ୍ବାଦପତ୍ର "ଭଏସ୍ ଅଫ୍ ଭିକ୍ଟିମ୍ସ" ର ଶୁଭ ଉନ୍ମୋଚନ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ଅବସରପ୍ରାପ୍ତ ବିଚାରପତି ସଞ୍ଜୀୟ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଭଏସ ଅଫ୍ ଭିକ୍ଟିମ୍ସର ବିଭିନ୍ନ କାର୍ଯ୍ୟ ଶୈଳୀକୁ ଭୁୟଶୀ ପ୍ରସଂଶା କରିଥିଲେ। ଗଣମାଧ୍ୟମ ସବୁବେଳେ ପିଡ଼ିତଙ୍କ ସ୍ୱର ହେବା ଉଚିତ୍। ତେବେ ଅନେକ ସମୟରେ ଅଭିଯୁକ୍ତ ମଧ୍ୟ ପିଡ଼ିତ ହୋଇଯିବାର ଆଶଙ୍କା ରହିଛି। ତେଣୁ ଖବର ପରିବେଷଣ ସମୟରେ ସତର୍କତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଥିଲେ। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ, ଓକିଲାତି କେବଳ ଏକ ପେଷା ନୁହେଁ। ସମାଜରେ ପିଡ଼ିତଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ଓକିଲ ମାନଙ୍କର ଯଥେଷ୍ଟ ଭୂମିକା ରହିଛି। ଠିକ୍ ସେମିତି ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳିକୁ ଲୋକ ଲୋଚନକୁ ଆଣି ସମାଜର ବିଭିନ୍ନ ବର୍ଗର ଲୋକ ମାନଙ୍କର ସମସ୍ୟା ସମାଧାନ ପୂର୍ବକ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ଫେରି ପାଇବାରେ ସାଂପ୍ରତିକି ସମୟରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି ଏବଂ ଏ ଦିଗରେ ଭଏସ୍ ଅଫ୍ ଭିକ୍ଟିମ୍ସର କାର୍ଯ୍ୟକୁ ସେ ପ୍ରସଂଶା କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ସେଂଚୁରିଅନ ବିଶ୍ୱବିଦ୍ୟାଳୟ ଲ ସ୍କୁଲ ପ୍ରତିଷ୍ଠାତା ଡିନ୍ ଡକ୍ଟର ପଲ୍ଲବ ଦାସ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରି ସାପ୍ତାହିକ ଖବରକାଗଜ ଭଏସ୍ ଅଫ୍ ଭିକ୍ଟିମ୍ସର ଉତରୋତର ଉନ୍ନତି କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ଶତ୍ରୁଜିତ୍ ଭଏସ୍ ଅଫ୍ ଭିକ୍ଟିମ୍ସର ଉନ୍ମୋଚିତ ସଂଖ୍ୟାରେ ପ୍ରକାଶିତ ନିବନ୍ଧ ଓ ସମ୍ବାଦ ସମ୍ପର୍କରେ ସମୀକ୍ଷା କରି ସାଂପ୍ରତିକ ସମୟରେ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମକୁ ଅତ୍ୟନ୍ତ ଭାବବିହ୍ୱଳ କରିଥିଲା ଜଣେ ଅସହାୟ ମହିଳା ମିଲ୍ଲି ବାହାଦୂରଙ୍କ ଉପସ୍ଥିତି। ସ୍ୱାମୀ ଆରପାରିକୁ ଚାଲିଯିବା ପରେ ଚକେଇସିଆଣି ଅଂଚଳରେ ଛୋଟ ଏକ କ୍ଷେସନାରୀ ଦୋକାନଟିଏ କରି ଜଣେ ଦିବ୍ୟାଙ୍ଗ ଝିଅ ସମେତ ଦୁଇ ଝିଅଙ୍କୁ ନେଇ ତାଙ୍କର ତେଲ ଲୁଣର ସଂସାର ଦୁଃଖେ ସୁଖେ ଚଳି ଯାଉଥିଲା। ହେଲେ ଦିନେ ବିଏମ୍‌ସି ପକ୍ଷରୁ ତାଙ୍କର ଦୋକାନ ଘରଟିକୁ ଭାଙ୍ଗି ଦିଆଗଲା। ଦୋକାନ ଘରେ ଥିବା ଜିନିଷପତ୍ର ସବୁ ମାଟିରେ ମିଶିଗଲା। ନ୍ୟାୟ ପାଇଁ ଏ ଅଫିସ୍ ରୁ ସେ ଅଫିସ୍ କୁ ଦଉଡ଼ି ଦଉଡ଼ି ନିରାଶ ହେବାପରେ ମର୍ମାହତ ହୋଇ ସେ ଦିନେ ରାସ୍ତା କଡ଼ରେ କାନ୍ଦୁଥିବା ଅବସ୍ଥାରେ କିପରି ଭଏସ୍ ଅଫ୍ ଭିକ୍ଟିମ୍ସର କର୍ମକର୍ତାଙ୍କ ନଜରରେ ପଡିଥିଲେ ଏବଂ ଭଏସ୍ ଅଫ୍ ଭିକ୍ଟିମ୍ସ ର କର୍ମକର୍ତାଙ୍କ ହସ୍ତକ୍ଷେପ ଫଳରେ ମାନବାଧିକାର କମିଶନ ବିଏମ୍‌ସି ଭେଣ୍ଡିଙ୍ଗଜୋନ୍ ରେ ତାଙ୍କୁ ଏକ ଦୋକାନ ଘର ଦେବାପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ସେ ସମ୍ବନ୍ଧରେ ତାଙ୍କ ଜୀବନ କାହାଣୀ ସେ କାନ୍ଦିକାନ୍ଦି ପ୍ରକାଶ କରିବା ବେଳେ ଅତ୍ୟନ୍ତ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା।ଭଏସ୍ ଅଫ୍ ଭିକ୍ଟିମ୍ସର ସମ୍ପାଦକ ଜ୍ଞାନ ରଞ୍ଜନ ମିଶ୍ର ସମାରୋହରେ ସଭାପତିତ୍ୱ କରି ନିଜ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ଓ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ ସମ୍ପାଦକ କୈଳାସ ଚନ୍ଦ୍ର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ବନ୍ଧନ ପରିବାରର ପାର୍ଥ କୁମାର ଦାସଙ୍କ ସହଯୋଗ ଏବଂ ଶୁଭେଚ୍ଛୁ ମାନଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।




ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା 'ଭଏସ୍ ଅଫ୍ ଭିକ୍ଟିମ୍ସ' ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ।

*ଦୀର୍ଘ ଦିନର ସାଂଗଠନିକ କାର୍ଯ୍ୟ, ସମାଜ ସେବା ଓ ଆଇନ ବ୍ୟବସାୟର ପେଷାରେ ଅଭିଜ୍ଞତା ସାଉଁଟିବା ଭିତରେ ଅସହାୟ ପୀଡ଼ିତଙ୍କ ଦୁର୍ଦ୍ଦଶା ଦେଖି ଦେଖି ଦରଦୀ ମନର କେଉଁ ଏକ ନିଭୃତ କୋଠରୀରୁ ଜାଗି ଉଠିଥିଲା ଅବହେଳିତ ନିଷ୍ପେଷିତଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ସଂଗ୍ରାମର ଦୁର୍ବାର ଅଭୀପ୍ସା। ନ୍ୟାୟ ପାଇଁ ଅଦାଲତରେ ତାରିଖ ପରେ ତାରିଖରେ ହାଜର ହୋଇ ଅଦାଲତର ନିର୍ଦ୍ଦେଶ ପର୍ଯ୍ୟନ୍ତ ଅପେକ୍ଷା କରିବା ସମ୍ଭବ ନଥିଲା ସମସ୍ତଙ୍କ କ୍ଷେତ୍ରରେ। କ୍ଷମତାଲିପ୍ସୁଙ୍କ ଦୌରାତ୍ମ୍ୟ ରେ ଅତିଷ୍ଠ ହୋଇ ସର୍ବସ୍ୱାନ୍ତ ହେଉଥିଲେ ଅନେକ। ସରକାରଙ୍କ ଦୃଷ୍ଟି ଆଢୁଆଳରେ ମଧ୍ୟ ଲୁଚି ଯାଉଥିଲା ଅନେକ ନିର୍ଯ୍ୟାତିତଙ୍କ ଜୀବନ କାହାଣୀ। ଅନେକଙ୍କ ପାଖରେ ଅପହଁଚ ଥିଲା ସମସ୍ୟାକୁ ସରକାରଙ୍କ ପାଖରେ ପହଁଚାଇବାର ଉପଯୁକ୍ତ ରାସ୍ତା। ସେଥିପାଇଁ ପିଡିତଙ୍କ ସ୍ୱର ସାଜି ସମାଜରେ ବୈପ୍ଳବିକ ପରିବର୍ତନ ଆଣିବାର ସ୍ୱପ୍ନ ନେଇ ଆଜକୁ ଛଅ ବର୍ଷ ତଳେ ଆଇନଜୀବୀ ଜ୍ଞାନରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ କିଛି ସମଭାବାପନ୍ନ ସ୍ୱେଚ୍ଛାସେବୀଙ୍କୁ ନେଇ ସ୍ଥାପିତ ହୋଇଥିଲା "ଭଏସ୍ ଅଫ୍ ଭିକ୍ଟିମ୍ସ" ଟ୍ରଷ୍ଟ। ସେବେଠାରୁ ଲମ୍ବି ଚାଲିଛି ସମାଜରେ ଅବହେଳିତ ନିଷ୍ପେଷିତ ପିଡ଼ିତ ମାନଙ୍କୁ ସାହାଯ୍ୟର ହାତ ବଢ଼ାଇ ସମସ୍ୟା ସମାଧାନ କରି ଅବହେଳିତକୁ ନ୍ୟାର୍ଯ୍ୟ ଅଧିକାର ପ୍ରାପ୍ତ କରାଇବାର ଲମ୍ବା ତାଲିକା। ପିଡିତର ସ୍ୱରକୁ ଶାଣିତ କରି ସମସ୍ୟା ଗୁଡିକୁ ଲୋକ ଲୋଚନକୁ ଆଣି ସଂଗ୍ରାମକୁ ଆହୁରୀ ମଜଭୁତ କରି ତୋଳିବା ପାଇଁ ଟ୍ରଷ୍ଟର ସାପ୍ତାହିକ ସଂବାଦପତ୍ର "ଭଏସ୍ ଅଫ୍ ଭିକ୍ଟିମ୍ସ" ଭାରତର ସଂବାଦପତ୍ର ଅଭିଲେଖାକାରଙ୍କ ଠାରେ ପଞ୍ଜୀକୃତ ହୋଇ ଅନୁମତି ପ୍ରାପ୍ତ ହେବା ପରେ ଗତ ନଭେମ୍ବର ତିନି ତାରିଖରେ ଟ୍ରଷ୍ଟର ପରିଚାଳକ, ସଦସ୍ୟ, ଶୁଭେଚ୍ଛୁ ଏବଂ ଅତିଥି ମାନଙ୍କ ଗହଣରେ ଭୁବନେଶ୍ୱର ପିପୁଲ୍ସ ପଦ୍ମଜା ପ୍ରିମିୟମ ହୋଟେଲ ଅଭ୍ୟର୍ଥନା କକ୍ଷରେ ଅନୁଷ୍ଠିତ ହୋଇଥିବା ଶୁଭ ଉନ୍ମୋଚନ ଉତ୍ସବ ଅବସରରେ ରଶ୍ମି ରଞ୍ଜନ ମହାରଥା ଏବଂ ଦୁର୍ଗେଶ ପ୍ରସାଦ ମିଶ୍ରଙ୍କ ସ୍ୱତନ୍ତ୍ର ଉପସ୍ଥାପନା....*



ଗଣମାଧ୍ୟମର ନିମନ୍ତ୍ରିତ ଅତିଥିଗଣ ।



ସଭା ଗୃହରେ ଉପସ୍ଥିତ ଶୁଭେଚ୍ଛୁ ଓ ଅତିଥିଗଣ ।

# ଭଏସ୍ ଅଫ୍ ଭିକ୍ଟିମ୍ସର ଶୁଭ ଉନ୍ମୋଚନ ଦିବସର କିଛି ବିଶେଷ ମୁହୂର୍ତ୍ତ



ସ୍ୱତନ୍ତ୍ର ପ୍ରତିନିଧି ଦୁର୍ଗେଶ ପ୍ରସାଦ ମିଶ୍ରଙ୍କ ଜଗନ୍ନାଥ ବନ୍ଦନା


ଶୁଭେଚ୍ଛୁ ଏବଂ ଅତିଥିମାନଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱୋଳନ



ମୁଖ୍ୟ ସମ୍ପାଦକଙ୍କ ଅଭିଭାଷଣ



ସମ୍ପାଦକଙ୍କ ଅଭିଭାଷଣ



ମୁଖ୍ୟ ଅତିଥି ବିଚାରପତି ସଂଜୟ କୁମାର ସାହୁଙ୍କ ବକ୍ତବ୍ୟ


ସାପ୍ତାହିକ ସମ୍ବାଦପତ୍ର 'ଭଏସ୍ ଅଫ୍ ଭିକ୍ଟିମ୍' ଉନ୍ମୋଚିତ

ବହୁଭାଷୀ ସାପ୍ତାହିକ ସମ୍ବାଦପତ୍ର 'ଭଏସ୍ ଅଫ୍ ଭିକ୍ଟିମ୍' ଉନ୍ମୋଚିତ

ସାପ୍ତାହିକ ପତ୍ରିକା 'ଭଏସ୍ ଅଫ୍ ଭିକ୍ଟିମ୍' ଉନ୍ମୋଚିତ

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

ନିତିଦିନ

ଗଣମାଧ୍ୟମ ପୀଡ଼ିତଙ୍କ ସ୍ୱର ହେଉ

ବହୁଭାଷୀ ସାପ୍ତାହିକ ସମ୍ବାଦପତ୍ର 'ଭଏସ୍ ଅଫ୍ ଭିକ୍ଟିମ୍' ଉନ୍ମୋଚିତ
ଗଣମାଧ୍ୟମ ପୀଡ଼ିତଙ୍କ ସ୍ୱର ହେଉ

'ଗଣମାଧ୍ୟମ ପୀଡ଼ିତଙ୍କ ସ୍ୱର ହେଉ'

ବିଭିନ୍ନ ଗଣମାଧ୍ୟମରେ ଉନ୍ମୋଚନ ଉତ୍ସବର ପ୍ରକାଶିତ ଖବର



ମୁଖ୍ୟବକ୍ତା ଶତ୍ରୁଜିତଙ୍କ ଉନ୍ମୋଚନ ସଂଖ୍ୟାର ସମୀକ୍ଷା ଓ ବକ୍ତବ୍ୟ



ସମ୍ମାନୀୟ ଅତିଥି ଡଃ ପଲ୍ଲବ ଦାସଙ୍କ ବକ୍ତବ୍ୟ



ସମ୍ମାନୀୟ ଅତିଥି ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ବକ୍ତବ୍ୟ

# Public Service: Between Ideals and Realities

**N. A. Shah Ansari**

All over the country, there is a story that keeps on being replayed in our minds and sentiments. Such protagonists often are born from a poor background and succeed in crushing the barrier of life to pass very difficult civil service exams and occupy positions at block, district& state levels. They have become the inspiration for many people who believe that through determination, one can overcome any challenge.

